OFSDP
ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

# ପ୍ରକଳ୍ପ ସୂଚନାପତ୍ର

JAPAN Official Development Assistance
JICA

ଭାଗ – ୫/ସଂସ୍କରଣ – ୧ | ଜାନୁୟାରୀ–ମାର୍ଚ୍ଚ ୨୦୧୧

## ପ୍ରକଳ୍ପ ନିର୍ଦ୍ଦେଶକଙ୍କ କଲମରୁ



ଜାନୁୟାରୀରୁ ମାର୍ଚ୍ଚ ୨୦୧୧ମାସଗୁଡ଼ିକରେ ୨୦୧୦–୧୧ ଆର୍ଥିକ ବର୍ଷର ପ୍ରକଳ୍ପ କାର୍ଯ୍ୟକ୍ରମ ପର୍ଯ୍ୟବେକ୍ଷଣ ତଥା ବାକି ରହିଯାଇଥିବା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ତଥା ୨୦୧୧–୧୨ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରିବାରେ ପ୍ରକଳ୍ପ ପ୍ରଚାରକମାନେ ବ୍ୟସ୍ତ ରହିଥିଲେ। ପ୍ରକଳ୍ପର ଅଂଶୀଦାରମାନେ ସମୀକ୍ଷା–୨୦୧୦ ଅବସରରେ ଏକତ୍ର ହୋଇଥିଲେ ଓ ବହୁ ସଂଖ୍ୟକ ବିକାଶମୂଳକ କାର୍ଯ୍ୟ, ଭଲ କାର୍ଯ୍ୟକ୍ରମ ଓ ଅଭିଜ୍ଞତା ପରସ୍ପର ସହ ବାଣ୍ଟିଥିଲେ। "ଓଡ଼ିଶାରେ ଯୁଗ୍ମ ବନ ପରିଚାଳନା ନମୂନା କାର୍ଯ୍ୟକାରିତା" ଉପରେ ଅନୁଧ୍ୟାନ କରାଯାଇ ମତାମତ ମିଳିଥିବାବେଳେ ପ୍ରକଳ୍ପ ମଧ୍ୟବର୍ତ୍ତୀ ମୂଲ୍ୟାୟନକାରୀ ମେସର୍ସ ସମ୍ବୋଧି ରିସର୍ଚ୍ଚ ଆଣ୍ଡ କମ୍ୟୁନିକେସନ(ପ୍ରାଇଭେଟ) ଲିମିଟେଡ ସହ ବ୍ୟାପକ ଆଲୋଚନା ପରେ "ଜୈବବିବିଧତା ଉପରେ ଏଏନଆର କାର୍ଯ୍ୟକ୍ରମର ପ୍ରଭାବ"ର ତଥା ମହାଲେଖାଗାରଙ୍କ ହିସାବ ନିରୀକ୍ଷକମାନଙ୍କଠାରୁ ଚୂଡ଼ାନ୍ତ ରିପୋର୍ଟ ମିଳିଛି। ଏହି ମତାମତ ଓ ଅଭିଜ୍ଞତା ବର୍ଣ୍ଣନ ଅଣୁଯୋଜନା ପୁନଃପରିଦର୍ଶନ ଓ ପ୍ରଥମ ତିନି ଦଫାର ବନ ସଂରକ୍ଷଣ ସମିତିଗୁଡ଼ିକର କାର୍ଯ୍ୟକ୍ରମରେ ଉନ୍ନତି ଘଟାଇବାରେ ସହାୟକ ହେଉଛି। ଏଥିସହ କେତେକ ନିର୍ଦ୍ଦିଷ୍ଟ ତ୍ରୁଟି ଓ ତାହାର ସୁଧାର ପାଇଁ ଗ୍ରହଣ କରାଯିବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଏହି ଅଭିଜ୍ଞତା ଜ୍ଞାନ ପ୍ରଦାନ କରୁଛି। ଏକାକାଳୀନଭାବେ ଚତୁର୍ଥ ଦଫା ବନ ସଂରକ୍ଷଣ ସମିତିଗୁଡ଼ିକରେ ଅଣୁଯୋଜନା ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ଆଗେଇଚାଲିଛି । ଆଗାମୀ ଦୁଇ ବର୍ଷରେ ଦକ୍ଷତାର ସହ କାର୍ଯ୍ୟକାରିତା ପାଇଁ ମଡେଲ ବନ ସଂରକ୍ଷଣ ସମିତିକୁ ଶକ୍ତିଶାଳୀ କରିବା, ସ୍ଥାନୀୟ ଉଦ୍ୟମ ତଥା ଜଙ୍ଗଲ ଆଇନର ଏକତ୍ରିକରଣ ଦ୍ୱାରା ଜଙ୍ଗଲ ଓ ଜୈବବିବିଧତା ସଂରକ୍ଷଣ, ବନ୍ୟପ୍ରାଣୀ, ଜୈବବିବିଧତା, ଜଙ୍ଗଲ ଅଧିକାର ଏବଂ ଗ୍ରାମ ପଞ୍ଚାୟତ ଅଞ୍ଚଳଗୁଡ଼ିକରେ ପ୍ରକଳ୍ପ ଏହି ମାସଗୁଡ଼ିକରେ ଅନୁଶୀଳନ କରୁଥିଲା।

ପ୍ରକଳ୍ପ ପରିଚାଳନା କେନ୍ଦ୍ର ଓ ଖଣ୍ଡୀୟ ପରିଚାଳନା କେନ୍ଦ୍ର ଦ୍ୱାରା ବିଭିନ୍ନ ସ୍ତର ପାଇଁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ତଥା ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ସହାୟକ ସଂସ୍ଥା ଦ୍ୱାରା ପ୍ରଦତ୍ତ ତାଲିମ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବା ସହ ଅଧିକରୁ ଅଧିକ ପ୍ରକଳ୍ପ କାର୍ଯ୍ୟକର୍ତ୍ତା ତଥା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାଙ୍କୁ ସାମିଲ କରାଯିବା ଆବଶ୍ୟକ। ଗ୍ରାମାଞ୍ଚଳ ଓ ଆଦିବାସୀ ସମ୍ପ୍ରଦାୟ ପାଇଁ ସମସ୍ତ କ୍ଷେତ୍ରର ବିଭିନ୍ନ ସରକାରୀ ଯୋଜନାର ଏକାଭିମୁଖୀକରଣକୁ ରାଜ୍ୟ ସରକାର ନିକଟ ଅତୀତରେ ତ୍ୱରାନ୍ୱିତ କରାଇଛନ୍ତି। ଗ୍ରାମର ପରିବାରଗୁଡ଼ିକର ଜୀବିକା ନିର୍ବାହ ବିକାଶ ପାଇଁ ବନ ସଂରକ୍ଷଣ ସମିତିଗୁଡ଼ିକ ଦ୍ୱାରା ଏହା ମଧ୍ୟ ନିଷ୍ପାପରଭାବେ କାର୍ଯକାରୀ କରିବାର ଆବଶ୍ୟକତା ରହିଛି। ତେଣୁ ପ୍ରକଳ୍ପର ଖଣ୍ଡୀୟ ପରିଚାଳନା କେନ୍ଦ୍ର ଓ କ୍ଷେତ୍ର ପରିଚାଳନା କେନ୍ଦ୍ରଗୁଡ଼ିକର ଏହା ଏକ ଗୁରୁ ଦାୟିତ୍ୱ ରହୁଛି ଯେ ସେମାନେ ବନ ସଂରକ୍ଷଣ ସମିତି କାର୍ଯ୍ୟକାରିଣୀକୁ ଜିଲ୍ଲାସ୍ତରର ବିଭିନ୍ନ ବିଭାଗ ଅଧିକାରୀମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି କାର୍ଯ୍ୟକ୍ରମ / ଯୋଜନା ଓ ପ୍ରକଳ୍ପ ଦ୍ୱାରା ଯେପରି ଲାଭବାନ ହୋଇପାରିବେ ସେଥିପାଇଁ ପ୍ରସ୍ତୁତ କରାଇବେ।

୨୦୦୭ରୁ ପ୍ରକଳ୍ପ ଅଧୀନରେ ପୁନରୁଦ୍ଧାର ପାଇଁ ଗ୍ରହଣ କରାଯାଇଥିବା ଜଙ୍ଗଲ ଅଞ୍ଚଳରୁ ଚାରଣ ଓ ନିଆଁକୁ ନିୟନ୍ତ୍ରଣ କରିବା ଦିଗରେ ତଥା ବର୍ଷା ଋତୁରେ ରୋପଣ ପାଇଁ ଉପଯୁକ୍ତ ଚାରା ନିମନ୍ତେ ନର୍ସରୀ ବିକାଶ କରିବା କାର୍ଯ୍ୟ ଥିବାରୁ ଆସନ୍ତା ତିନିମାସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ପ୍ରକଳ୍ପ ଅଧୀନରେ ଚତୁର୍ଥ ଦଫାରେ ଆଉ ୨୩୮ଟି ବନ ସଂରକ୍ଷଣ ସମିତିକୁ ସହଯୋଗ ଯୋଗାଇ ଦିଆଯାଉଛି। ଯୋଜନା ଓ ମ୍ୟାପିଙ୍ଗଭିତ୍ତିରେ ଯେଉଁ ବୃକ୍ଷରୋପଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ତାହା ହେଲା: ଯୁଗ୍ମ ବନ ପରିଚାଳନା ଧାରାରେ ୨୨,୫୨୯ ହେକ୍ଟର, ଅଣ ଯୁଗ୍ମ ବନ ପରିଚାଳନା ଧାରାରେ ୨୭୧୫ ହେକ୍ଟର, ହେନ୍ତାଳ ବଣ ୫୨୫ ହେକ୍ଟର ଓ ଝାଉଁ ବଣ ୨୫ହେକ୍ଟର। ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ଓ ପାରଳାଖେମୁଣ୍ଡି ବନଖଣ୍ଡରେ ପରିବେଶ ପର୍ଯ୍ୟଟନ ସ୍ଥଳ ବିକାଶ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯିବ। ଚିହ୍ନଟ ହୋଇଥିବା ସାକ୍ରେଡ ଗ୍ରୁଭଗୁଡ଼ିକର ଦଲିଲକରଣ କରାଯାଇ ବିକଶିତ କରାଯିବ।

ଏହି ସୂଚନାପତ୍ରର ପାଠକମାନେ ଖୁବ୍ ଉତ୍ସାହଜନକ ଅଭିଜ୍ଞତା ହାସଲ କରିବେ ବୋଲି ମୁଁ ଆଶା କରୁଛି ଓ ସେମାନଙ୍କଠାରୁ ପ୍ରକଳ୍ପ କାର୍ଯ୍ୟକଳାପ ଓ ଅଗ୍ରଗତି ସମ୍ପର୍କରେ ମତାମତ ଆଶା କରୁଛି। ଜଙ୍ଗଲର ପୁନରୁଦ୍ଧାର ଓ ପ୍ରକଳ୍ପ ସମେତ ବନ ସଂରକ୍ଷଣ ସମିତି ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଅନ୍ୟ ସରକାରୀ ଯୋଜନାରୁ ଜୀବିକା ନିର୍ବାହ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମୁଁ ପ୍ରକଳ୍ପର ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି, କ୍ଷେତ୍ର ପରିଚାଳନା କେନ୍ଦ୍ର, ଖଣ୍ଡୀୟ ପରିଚାଳନା କେନ୍ଦ୍ର ଓ ପ୍ରକଳ୍ପ ପରିଚାଳନା କେନ୍ଦ୍ରର ସମସ୍ତ କାର୍ଯ୍ୟକର୍ତ୍ତାଙ୍କଠାରୁ ସମ୍ପୂର୍ଣ୍ଣ ସହଯୋଗ କାମନା କରୁଛି।

ବି କୁମାର
ବିନୋଦ କୁମାର
ପ୍ରକଳ୍ପ ନିର୍ଦ୍ଦେଶକ

# 'ଓଡ଼ିଶାରେ ଯୁଗ୍ମ ବନ ପରିଚାଳନା ମଡେଲ କାର୍ଯ୍ୟକାରିତା' ଉପରେ ଅଧ୍ୟୟନ

ଓଡ଼ିଶାରେ କାର୍ଯକାରୀ ହେଉଥିବା ଯୁଗ୍ମ ବନ ପରିଚାଳନା ମଡେଲଗୁଡିକ ଉପରେ ଏକ ଅଧ୍ୟୟନ ଆମିଟି ବିଶ୍ୱବିଦ୍ୟାଳୟ, ନୋଏଡା ଅଧୀନ ମେସର୍ସ ଆମିଟି ସ୍କୁଲ ଅଫ ନ୍ୟାଚୁରାଲ ରିସୋର୍ସେସ୍ ଆଣ୍ଡ ସଷ୍ଟେନେବଲ୍ ଡେଭେଲପମେଣ୍ଟ ଦ୍ୱାରା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଅନ୍ତର୍ଗତ ଚାରିଟି ବନଖଣ୍ଡ ଯଥା ଅନଗୁଳ, ଦେବଗଡ, କୋରାପୁଟ ଓ ରାୟଗଡାରେ ୨୦୧୦ ମସିହାରେ କରାଯାଇଥିଲା। ଯୁଗ୍ମ ବନ ପରିଚାଳନା ମଡେଲ / ଉଜୁଡା ଜଙ୍ଗଲ ପୁନରୁଦ୍ଧାର ତଥା ଜୀବିକା ନିର୍ବାହ କାର୍ଯ୍ୟକ୍ରମକୁ ସହଯୋଗ କରୁଥିବା ଯୋଜନା ଯଥା ଏଫଡିଏ ଅଧୀନରେ ଆରଏଲଟିଏପି, ଏନଏପି, ଯୁଜେଏଫଏମ ଓ ଓଏଫଏସଡିପି ଉପରେ ଏହି ଅଧ୍ୟୟନ କରାଯାଇଥିଲା।

ଅଧ୍ୟୟନର ମୌଳିକ ଲକ୍ଷ୍ୟଗୁଡିକ ହେଲା:

କ) ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ମଡେଲ ତଥା ଭିନ୍ନ ଭିନ୍ନ ଯୁଗ୍ମ ବନ ପରିଚାଳନା ପଦ୍ଧତିର ବ୍ୟବସ୍ଥା ଓ ସାଙ୍ଗଠନିକ ଢାଞ୍ଚାକୁ ବିଶ୍ଳେଷଣ କରିବା ଓ ତୁଳନା କରିବା।

ଖ) ଏହି ମଡେଲ/ ପଦ୍ଧତିଗୁଡିକରେ ଜଙ୍ଗଲ ପ୍ରଶାସନର ଭୂମିକା ଏବଂ ଅଂଶୀଦାରମାନଙ୍କ ଅଂଶଗ୍ରହଣକୁ ତୁଳନା କରିବା

ଗ) ସ୍ଥାନୀୟ ପରିବେଶ, ଅର୍ଥନୈତିକ ସ୍ଥିତି, ସାମାଜିକ ଓ ଜୀବିକା ନିର୍ବାହଜନିତ ସ୍ଥିତି ଉପରେ ଏହି ପ୍ରକଳ୍ପ / ଯୋଜନାର ପ୍ରଭାବ

ଘ) ଶ୍ରେଷ୍ଠ ପଦ୍ଧତିର ଦଲିଲକରଣ, ସଫଳତା ନିର୍ଦ୍ଧାରଣର ବର୍ଣ୍ଣନା ତଥା ମୁଖ୍ୟ ପ୍ରତିବନ୍ଧକଗୁଡିକ ତାଲିକାଭୁକ୍ତ କରିବା ଏବଂ

ଙ) ସହଭାଗୀ ଜଙ୍ଗଲ ପ୍ରଶାସନ, ପ୍ରତିପାଳନକ୍ଷମ ଜଙ୍ଗଲ ପରିଚାଳନା ଏବଂ ସମାନଭାବେ ଗୋଷ୍ଠୀର ଲାଭାଂଶ ନେଇ ଯୁଗ୍ମ ବନ ପରିଚାଳନାର ଦକ୍ଷତା ବୃଦ୍ଧି କରିବା ପାଇଁ ଏକ କାର୍ଯ୍ୟକାରୀ ନୀତି ପ୍ରସ୍ତାବ ଦେବା।

ଯୁଗ୍ମ ବନ ପରିଚାଳନା ମଡେଲ ଓ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଯଥା, ସାମାଜିକ ତଥା ଆର୍ଥିକ, ସମସ୍ତ ଗୋଷ୍ଠୀ, ଜୀବିକା ନିର୍ବାହ ଏବଂ ଜୈବ ବିବିଧତା ଆଦି କ୍ଷେତ୍ରର ପ୍ରଭାବ ବିଶ୍ଳେଷଣ କରିବା ପରେ ଏହା ଜଣାପଡିଲା ଯେ ଅନ୍ୟ ଯୋଜନା ଓ ମଡେଲ ଅପେକ୍ଷା ଓଏଫଏସଡିପି ମଡେଲ ସମସ୍ତ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ପାଇବା ସହ ବିଭିନ୍ନ ବେସରକାରୀ ସଙ୍ଗଠନର ପ୍ରୋତ୍ସାହନରେ ଶ୍ରେଷ୍ଠ ମଡେଲ ହୋଇପାରିଛି। ଓଡ଼ିଶାର ଅନ୍ୟ ଯୋଜନା ଅପେକ୍ଷା ଓଏଫଏସଡିପି ମଡେଲ ବିକଶିତ ମଡେଲ ହୋଇଥିଲେ ମଧ୍ୟ ଏହି ଅଧ୍ୟୟନରେ ସମସ୍ତ ଅଂଶୀଦାରମାନଙ୍କ ପାଇଁ ଦକ୍ଷତା ବୃଦ୍ଧି, କୌଶଳ ଉପରେ ତାଲିମ କାର୍ଯ୍ୟକ୍ରମ (ଉତ୍ସାହପ୍ରଦ) ଏବଂ କର୍ତ୍ତବ୍ୟ, ଦାୟିତ୍ୱ ଉପରେ ତଥ୍ୟପ୍ରଦାନ, ଯୁଗ୍ମ ବନ ପରିଚାଳନାରେ ଥିବା ବୃହତ୍ତ ପ୍ରସ୍ତାବ, ଉତ୍ତରଦାୟିତ୍ୱ ଆଦି ବ୍ୟବହାରକାରୀ ଗୋଷ୍ଠୀଙ୍କୁ ଜଣାଇ ଦିଆଗଲେ ସେମାନଙ୍କର ବନ ପରିଚାଳନା କାର୍ଯ୍ୟକ୍ରମ ଶକ୍ତିଶାଳୀ ହେବା ସହ ଏକ ପ୍ରତିପାଳନକ୍ଷମ ଜଙ୍ଗଲ ପରିଚାଳନା ସହ ଜୀବିକା ନିର୍ବାହ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇପାରିବ।



କୋରାପୁଟ ଡିଏମୟୁର
ପୋଡିଗୁଡ଼ା ଭିଏସଏସରେ ଅଧ୍ୟୟନ



କୋରାପୁଟର କଦମଗୁଡା ଭିଏସଏସରେ ଅଧ୍ୟୟନ



କୋରାପୁଟର ଜାନିଗୁଡ଼ା ଭିଏସଏସରେ ଅଧ୍ୟୟନ

## ପବିତ୍ର ଉପବନ ସଂରକ୍ଷଣ:
## ପୁଣେକୁ ଶିକ୍ଷା ପରିଭ୍ରମଣ

ପ୍ରକଳ୍ପ ପରିଚାଳନା କେନ୍ଦ୍ରର ଦୁଇଜଣ ଉପ ପ୍ରକଳ୍ପ ନିର୍ଦ୍ଦେଶକ, ରାଉରକେଲା ଖଣ୍ଡୀୟ ପରିଚାଳନା କେନ୍ଦ୍ରର ଜଣେ ସହକାରୀ ବନ ସଂରକ୍ଷକ, ତିନି ଜଣ କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟ ଯଥା ଲକ୍ଷ୍ମୀପୁର (କୋରାପୁଟ) ରାଇକିଆ (ଫୁଲବାଣୀ) ଓ ମୁନିଗୁଡା (ରାୟଗଡା) ଭାରତୀ ବିଦ୍ୟାପୀଠ ବିଶ୍ୱବିଦ୍ୟାଳୟ, ପୁଣେ ଅନ୍ତର୍ଗତ ଭାରତୀ ବିଦ୍ୟାପୀଠ ପରିବେଶ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନରେ ଆୟୋଜିତ ତାଲିମରେ ୨୬.୦୨.୨୦୧୧ରୁ ୨୭.୦୨.୨୦୧୧ ଯାଏଁ ଯୋଗଦାନ କରିଥିଲେ। ପଶ୍ଚିମ ଘାଟର ୱାଲନେ, ୱାଗସାଇ ଓ ଆଦରୱାଡିର ସ୍ଥାନୀୟ ଗୋଷ୍ଠୀଗୁଡିକ ଦ୍ୱାରା ସଂରକ୍ଷିତ ଓ ପରିଚାଳିତ ସାକ୍ରେଡଗ୍ରୁଭ(ପବିତ୍ର ଉପବନ)କୁ ସେମାନେ ପରିଦର୍ଶନରେ ଯାଇଥିଲେ। ସ୍ଥାନୀୟ ଗୋଷ୍ଠୀର "ଟାବୁ" ଏହି ସଂରକ୍ଷଣରେ ସେମାନଙ୍କୁ ସହାୟତା କରୁଛି। ପରିବେଶୀୟ ଓ ଜୈବି ବିବିଧତା ଆକଳନ, ଦଲିଲକରଣ, ସଚେତନତା, ସ୍ଥାନୀୟ ଗୋଷ୍ଠୀକୁ ଆନୁଷ୍ଠାନିକ ସହଯୋଗ ଓ ଉପବନ ବାହାର ଅଞ୍ଚଳରେ ବିକଳ୍ପ ଶକ୍ତି ଉତ୍ସର ବ୍ୟବହାର ପବିତ୍ର ଉପବନ ସଂରକ୍ଷଣ ସଫଳତା ପାଇଁ ବାଟ କଢାଉଛି।



ୱାଲନେ ପବିତ୍ର ଉପବନରେ ଦେବୀ ପୀଠ



ଆଦରୱାଡ଼ିରେ ପବିତ୍ର ଉପବନ



ଆଦରୱାଡ଼ିରେ ପବିତ୍ର ଉପବନ

# ସପ୍ତରଙ୍ଗ ବ୍ୟାଣ୍ଡପାର୍ଟି:

## ଏକ ସଫଳ ପ୍ରବେଶିକା କାର୍ଯ୍ୟକ୍ରମ



ବାଲିଗୁଡା ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ତୁମୁଡିବନ୍ଧ କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନରେ ଶ୍ରାଲିଗୁଡା ଏକ ଦୂରବର୍ତ୍ତୀ ଗ୍ରାମ। ଓଏଫଏସଡିପିର କାର୍ଯ୍ୟକ୍ରମ ଏହି ଗ୍ରାମରେ ଆରମ୍ଭ ହେବା ପରେ ଗ୍ରାମବାସୀ ସେମାନଙ୍କ ବିଭିନ୍ନ ଇଚ୍ଛାକୁ ଅଗ୍ରାଧିକାର ଦେଇ ଏକ ତାଲିକା ପ୍ରସ୍ତୁତ କରିଥିଲେ। ଏହି ଅଞ୍ଚଳର ଲୋକେ ବର୍ଷସାରା ବିଭିନ୍ନ ପର୍ବପର୍ବାଣୀ ଓ ଉତ୍ସବ ପାଳନ କରନ୍ତି। କିନ୍ତୁ ସେହି ଅଞ୍ଚଳରେ କୌଣସି ଆଧୁନିକ ବାଦ୍ୟଯନ୍ତ୍ର ନ ଥିଲା। ତେଣୁ ଶ୍ରାଲିଗୁଡାର ଯୁବକମାନେ ନିଜ ଭିତରେ ଆଲୋଚନା କରି ଏହି ସୁଯୋଗକୁ ଜୀବିକା ନିର୍ବାହ ମାଧ୍ୟମଭାବେ ଉପଯୋଗ କରିବାକୁ ନିଷ୍ପତ୍ତି ନେଲେ। ସେହି ଅଞ୍ଚଳରେ ଉପଲବ୍ଧ ବାଦ୍ୟଯନ୍ତ୍ରକୁ ନେଇ ସେମାନେ ଏକ ବ୍ୟାଣ୍ଡପାର୍ଟି ଭଳି ଅଭ୍ୟାସ କରିବାରେ ଲାଗିଲେ। ଏକ ସପ୍ତାହର କଠିନ ପରିଶ୍ରମ ପରେ ସେମାନେ ମ୍ୟୁଜିକାଲ ବ୍ୟାଣ୍ଡ ପାର୍ଟି ଗଠନ କରିବା ପ୍ରସ୍ତାବକୁ ନେଇ ଆଗକୁ ବଢିବେ ବୋଲି ନିଷ୍ପତ୍ତି ନେଲେ। ମାସକ ମଧ୍ୟରେ ବ୍ୟାଣ୍ଡ ପାର୍ଟି ସଙ୍ଗଠିତ କରିବା ଓ ପରିଚାଳନା କରିବାକୁ ସେମାନେ ଏକ କମିଟି ଗଠନ କଲେ। ଏହି ସମସ୍ତ ପ୍ରସ୍ତୁତି ପରେ ସେମାନେ ବନ ସଂରକ୍ଷଣ ସମିତିକୁ ୨୫,୦୦୦ ଟଙ୍କାର ଏକ ଋଣ ପାଇଁ ଆବେଦନ କଲେ। ଅଣୁଯୋଜନା ପ୍ରସ୍ତୁତି ସମୟରେ ଗାଁରେ ଏକ ମ୍ୟୁଜିକାଲ ବ୍ୟାଣ୍ଡ ପାର୍ଟି ଗଠନ ପାଇଁ ବ୍ୟୟବରାଦ କରାଯାଇଥିଲା। ଋଣ ଅର୍ଥରେ ସେମାନେ ଆବଶ୍ୟକ ବାଦ୍ୟଯନ୍ତ୍ର କିଣିଲେ ଓ ୨୦୦୯ ଅକ୍ଟୋବର ୨ ତାରିଖରେ ସପ୍ତରଙ୍ଗ ବ୍ୟାଣ୍ଡ ପାର୍ଟି ଆନୁଷ୍ଠାନିକଭାବେ ଉଦ୍‌ଘାଟିତ ହେଲା। ସପ୍ତରଙ୍ଗ ବ୍ୟାଣ୍ଡ ପାର୍ଟିର ସମସ୍ତ ୨୦ ଜଣ ଯାକ ଯୁବକ ସଭ୍ୟ କନ୍ଧ ସମ୍ପ୍ରଦାୟର।

ସୁଦର୍ଶନ ସରିଙ୍ଗମାଝୀ ଏହି ବ୍ୟାଣ୍ଡପାର୍ଟିର ପ୍ରଚାର ଓ ବ୍ୟବସାୟ ଦାୟିତ୍ୱ ନେଇଛନ୍ତି। ଉଦ୍‌ଘାଟିତ ହେବା ପରଠାରୁ ମାର୍ଚ୍ଚ ୨୦୧୦ ମଧ୍ୟରେ ଏହି ଦଳ ୧୦ଟି ସ୍ଥାନରେ ପରିବେଷଣ କରିସାରିଛନ୍ତି ଓ ଏ ବାବଦରେ ୩୦୦୦ ଟଙ୍କା ହିସାବରେ ୩୦,୦୦୦ ଟଙ୍କା ରୋଜଗାର କରିସାରିଲେଣି। ସେମାନେ ଗସ୍ତଖର୍ଚ୍ଚ ଓ ଖାଦ୍ୟ ବାବଦକୁ ୭୦୦ ଟଙ୍କା ଖର୍ଚ୍ଚ କରନ୍ତି। ପ୍ରତି ସନ୍ଧ୍ୟାରେ ବିଦ୍ୟାଳୟ ପ୍ରାଚୀର ନିକଟରେ ସେମାନେ ନୂଆ ଗୀତର ଅଭ୍ୟାସ କରନ୍ତି। ଦିନକୁ ଦୁଇଟି ସ୍ଥାନରେ ପରିବେଷଣ କରିପାରିବା ପାଇଁ ବର୍ଷକ ପରେ ସେମାନେ ଆଉ କିଛି ନୂଆ ବାଦ୍ୟଯନ୍ତ୍ର କିଣିଛନ୍ତି। ସେମାନଙ୍କର ବ୍ୟବସାୟ ବଢିବା ସହ ଆୟ ମଧ୍ୟ ବଢିବାରେ ଲାଗିଛି। ଏବେ ସପ୍ତରଙ୍ଗ ବ୍ୟାଣ୍ଡପାର୍ଟି ଏହି ଅଞ୍ଚଳରେ ଏକ ଜଣାଶୁଣା ନାମ। ପ୍ରତିପାଳନ ପାଇଁ ତଥା ବନ ସଂରକ୍ଷଣ ସମିତିର ବିକାଶ ପାଇଁ ସେମାନେ ନିଜ ଆୟର ୨୦% ଅର୍ଥ ପ୍ରଦାନ କରିବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି।

**ଅରୁଣ କୁମାର ବେହେରା, ଏଫଏଲଇ, ବାଲିଗୁଡା**



# 'ବନରାଜ' କୁକୁଡା:

## ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଲାଭଦାୟକ ବ୍ୟବସାୟ

ରାଉରକେଲା ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ପାନପୋଷ କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନରେ ମାତ୍ର ୭୯ ପରିବାରକୁ ନେଇ ରହିଛି ନୂଆଟୋଲି ନାମକ ଏକ କ୍ଷୁଦ୍ର ଆଦିବାସୀ ଗ୍ରାମ। ଏହି ଗ୍ରାମଟି ଉତ୍ତର ଚିରାବେଡା ସଂରକ୍ଷିତ ଜଙ୍ଗଲ ନିକଟରେ ଅବସ୍ଥିତ ଓ ଗ୍ରାମକୁ ପକ୍କା ରାସ୍ତା ନାହିଁ। ଓଏଫଏସଡିପିର କାର୍ଯ୍ୟକ୍ରମ ଏହି ଗ୍ରାମରେ ୨୦୦୭ରେ ବନ ସଂରକ୍ଷଣ ସମିତି ଗଠନ ସହ ଆରମ୍ଭ ହୋଇଥିଲା।

ଚାରୋଟି ମନୋନୀତ ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ୨୦୦୯ରେ ଆୟ ସୃଷ୍ଟିକାରୀ କାର୍ଯ୍ୟ ଆରମ୍ଭ ହୋଇଥିଲା। ବନରାଜ କୁକୁଡାକୁ ନେଇ ବ୍ୟବସାୟ ଯୋଜନା ପ୍ରସ୍ତୁତ ହୋଇଥିଲା। ବନରାଜ କୁକୁଡା ପାଳନ ପାଇଁ ବନ ସଂରକ୍ଷଣ ସମିତି ସ୍ତରରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ୨୫ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ ଓ ୧୬ଜଣ ବନ ସଂରକ୍ଷଣ ସମିତି ସଭ୍ୟ ଯୋଗ ଦେଇଥିବାବେଳେ କ୍ଷେତ୍ର ପରିଚାଳନା କେନ୍ଦ୍ରସ୍ତରରେ ଆୟୋଜିତ ତାଲିମରେ ୧୬ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ ଯୋଗ ଦେଇଥିଲେ। ଚମ୍ପା ନାମକ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ଅର୍ଥ ପାଇବା ପରେ ଏହି ବ୍ୟବସାୟ ଆରମ୍ଭ କରିଥିଲା। ସେମାନେ ୩୦,୦୦୦ ଟଙ୍କା ଖର୍ଚ୍ଚ କରି ଏକ ପକ୍କା ସେଡ୍ (କୁକୁଡା ରହିବା ଘର) ନିର୍ମାଣ କଲେ। ଏହି ସେଡ୍‌ଟି ଆସନ୍ତା ଛଅ ବର୍ଷ ଯାଏଁ ରହିବ ଓ ସେଥିରେ ଏକକାଳୀନ ୩୦୦ କୁକୁଡା ରହିପାରିବେ। ସେମାନେ ୨୦୦ କୁକୁଡା କିଣିଲେ ଓ ପାଞ୍ଚ ମାସ ପାଳିବା ପରେ ସେଗୁଡିକୁ ୪୨,୦୦୦ ଟଙ୍କାରେ ବିକ୍ରି କଲେ। ଏହାଦ୍ୱାରା ସେମାନେ ୨୨,୦୦୦ ଟଙ୍କା ଲାଭ ପାଇଲେ। ସେମାନେ ବନ ସଂରକ୍ଷଣ ସମିତିକୁ ରାଜି ହୋଇଥିବା ସୁଧ ସମେତ ଋଣ ପରିଶୋଧ କଲେ ଓ ସେଡ୍ ବାବଦବ୍ୟବହାର ପାଉଣା ବାବଦକୁ ୫୦୦୦ ଟଙ୍କା ପ୍ରଦାନ କଲେ। ବନରାଜ କୁକୁଡା ବ୍ୟବସାୟରୁ ଅନ୍ୟସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ମଧ୍ୟ ଲାଭ କରୁଛନ୍ତି। ଯଦିଓ ଏହା ଏକ କ୍ଷୁଦ୍ର କାର୍ଯ୍ୟକ୍ରମ କିନ୍ତୁ ଗ୍ରାମର ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କୁ ବିକଳ୍ପ ଜୀବିକା ନିର୍ବାହ ମାଧ୍ୟମ ପାଇଁ ଭଲଭାବେ ପ୍ରେରଣା ଯୋଗାଉଛି।

**ଆଦିତ୍ୟ କୁମାର ମିଶ୍ର, ଏଫଏଲଇ, ରାଉରକେଲା**

# ୭୦ ଏକର ଜମିକୁ ଜଳସେଚନ

କାଶୀପୁର କ୍ଷେତ୍ର ପରିଚାଳନା କେନ୍ଦ୍ର ତଥା କାଶୀପୁର ବ୍ଲକ୍ ଅନ୍ତର୍ଗତ ତାଳଝରୀ ଗ୍ରାମପଞ୍ଚାୟତ ଅଧୀନରେ ରହିଛି ୫୪ ପରିବାରବିଶିଷ୍ଟ ସିପିଯୋଡି ଗ୍ରାମ। ଅଧିକାଂଶ ଗ୍ରାମବାସୀ ଚାଷ ପାଇଁ ବର୍ଷା ଉପରେ ନିର୍ଭର କରନ୍ତି ଓ ଗ୍ରୀଷ୍ମଋତୁରେ ଅସୁବିଧା ଭୋଗ କରନ୍ତି। ଓଏଫଏସଡିପିର କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ଲୋକେ ସଙ୍ଗଠିତ ହେଲେ ଓ ଜଳ ସମସ୍ୟା ଦୂର କରିପାରିଲେ। ସେମାନେ ନିକଟରେ ଥିବା ଏକ ଝୋଲା(ଝରଣା)ରୁ ୩୪ ମିଟର ଲମ୍ବ ଏକ କେନାଲ(ଛୋଟ) କଂକ୍ରିଟ ଖମ୍ବ ଦ୍ୱାରା ନିର୍ମାଣ କଲେ ଯାହାଦ୍ୱାରା ଜଳ ଚାଷଜମିରେ ପହଞ୍ଚିପାରିଲା। ଏହି ପ୍ରବେଶିକା କାର୍ଯ୍ୟକ୍ରମ ସ୍ଥାନୀୟ ଚାଷୀମାନଙ୍କ ମଧ୍ୟରେ ଏକ ଆଶା ସଞ୍ଚାର କଲା ଖରାଦିନରେ ଫସଲ ଉତ୍ପାଦନ ପାଇଁ। ଏହାଦ୍ୱାରା ୩୦ଟି ପରିବାର ଖରାଦିନରେ ୬୦ରୁ ୭୦ ଏକର ଜମିରେ ଚାଷ କରିପାରୁଛନ୍ତି।





**ଲକ୍ଷ୍ମୀଧର ନାୟକ,** ଏଫଏଲଇ, ରାୟଗଡା




## ଜଙ୍ଗଲ ସୁରକ୍ଷାରେ ପ୍ରମୁଖ ଭୂମିକା ତୁଲାଉଛି

# ଧୂମବିହିନ ଚୁଲା

ରାଉରକେଲା ଖଣ୍ଡୀୟ ପରିଚାଳନା କେନ୍ଦ୍ରର କୁଆଁରମୁଣ୍ଡା କ୍ଷେତ୍ର ପରିଚାଳନା କେନ୍ଦ୍ର ଅନ୍ତର୍ଗତ କୁଆଁରମୁଣ୍ଡା ଗ୍ରାମପଞ୍ଚାୟତରେ ରହିଛି ଖଇରବନ୍ଧ ଆଦିବାସୀବହୁଳ ଗ୍ରାମ। ଗ୍ରାମରେ ୧୩୮ ପରିବାର ରହୁଥିବାବେଳେ ମୋଟ ଜନସଂଖ୍ୟା ହେଉଛି ୬୭୬। ଅଧିକାଂଶ ଗ୍ରାମବାସୀ ଦିନ ମଜୁରିଆ ଓ ସେମାନେ ଅଣକାଷ୍ଠ ବନଜାତ ଦ୍ରବ୍ୟ ଉପରେ ନିର୍ଭର କରନ୍ତି। ଖଇରବନ୍ଧରେ ବନ ସଂରକ୍ଷଣ ସମିତି ଗଠନ କରାଯାଇ ୨୦୦୭-୦୮ରେ ଏଠାରେ ଓଏଫଏସଡିପି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଭିଏସଏସ ସଭ୍ୟମାନେ ନିକଟରେ ଥିବା ରୁତୁକପେଡି ସଂରକ୍ଷିତ ଜଙ୍ଗଲରୁ ଜାଳକାଠ ସଂଗ୍ରହ କରନ୍ତି। ଜଙ୍ଗଲ ସୁରକ୍ଷା ସହ ଜଡିତ ହେବା ପରେ ସେମାନେ ନିଜର ଜାଳକାଠ ସଂଗ୍ରହକୁ ନିୟନ୍ତ୍ରିତ କରିବାରେ ଲାଗିଲେ। କିନ୍ତୁ ଏହା ସେମାନଙ୍କ ପାଇଁ କଷ୍ଟକର ବ୍ୟାପାର ହେଲା। ଓଏଫଏସଡିପି ଅଧୀନରେ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ସେମାନେ ରୋଷେଇ ପାଇଁ ନିଜ ନିଜ ଘରେ ଧୂମବିହିନ ଚୁଲା ସ୍ଥାପନ କଲେ।

ଧୂମବିହିନ ଚୁଲା (ଏସକେ-୩ ମଡେଲ) ସ୍ଥାପନ ପରେ ସେମାନେ ପ୍ରାୟ ୪୦% ଜାଳକାଠ ସଞ୍ଚୟ କରିପାରିଲେ। ଚୁଲା ଦ୍ୱାରା ସମୟ ବଞ୍ଚୁଥିବାବେଳେ ସ୍ୱାସ୍ଥ୍ୟ ସମସ୍ୟା ରହୁ ନ ଥିବାରୁ ମହିଳାମାନେ ସେମାନଙ୍କ ଖୁସି ଜାହିର କଲେ। ଏହା ସେମାନଙ୍କୁ ଜଙ୍ଗଲ ସୁରକ୍ଷାରେ ମଧ୍ୟ ସହାୟକ ହେଲା। ଖଇରବନ୍ଧ ଭିଏସଏସର ଗ୍ରାମ୍ୟ ବନ ସହାୟକ ଶ୍ରୀ ମହେଶ ନାଗ ଗ୍ରାମର ପାଞ୍ଚୋଟି ପରିବାରରେ ଜାଳକାଠ ସଞ୍ଚୟ ନେଇ ଏକ ଅନୁଧ୍ୟାନ କରିଥିଲେ। ଯେଉଁ ପରିବାରରେ ପାଞ୍ଚ ଜଣ ସଦସ୍ୟ ଅଛନ୍ତି ସେହି ପରିବାର ମାସିକ ୫୦ କେ.ଜି ଜାଳକାଠ ସଞ୍ଚୟ କରିପାରୁଛନ୍ତି। ଶ୍ରୀ ନାଗଙ୍କ କହିବାନୁସାରେ ଭିଏସଏସ ଏବେ ମାସିକ ପ୍ରାୟ ୫୦ କୁଇଣ୍ଟାଲ ଜାଳକାଠ ସଞ୍ଚୟ କରିପାରୁଛି ଯାହାଦ୍ୱାରା କି ସେମାନଙ୍କ ନିର୍ଦ୍ଧାରିତ ଜଙ୍ଗଲରୁ ସମାନ ପରିମାଣର ଗଛକଟା ରୋକାଯାଇପାରିଛି। ଭିଏସଏସର ଏହି ସଫଳତା ଦେଖିବା ପରେ ଅନ୍ୟ ଲୋକମାନେ ମଧ୍ୟ ଏହି ଚୁଲା ସ୍ଥାପନ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି।



# ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ






ଯେତେବେଳେ ଆପଣଙ୍କ ଦେହର ତାପମାତ୍ରା ବଢିଯାଉଛି ସେତେବେଳେ ଆପଣ ଜଣେ ଡାକ୍ତରଙ୍କ ପାଖକୁ ଯାଉଛନ୍ତି, କିନ୍ତୁ ଯେତେବେଳେ ପୃଥିବୀର ଉତ୍ତାପ ବଢୁଛି ସେତେବେଳେ ଆମେ ଉପଶମ ପାଇଁ କାହା ପାଖକୁ ଯିବା ? ଏହାର ଏକମାତ୍ର ଉପାୟ ହେଉଛି ପରିବେଶର ସଂରକ୍ଷଣ କରିବା। ବାଲେଶ୍ୱରରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳନ ଅବସରରେ ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡର ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ ଶ୍ରୀ କେ.କେ ସ୍ୱାଇଁ ଏହି ମତ ଦେଇଛନ୍ତି। ଏହି ଉତ୍ସବକୁ ବାରିପଦା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ଅଜିତ ଭରଥୁଆର, ଭା.ବ.ସେ ଉଦ୍‌ଘାଟନ କରିଥିଲେ। ଡଃ ଅଶୋକ ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରାଣୀତତ୍ତ୍ୱ ବିଭାଗ ଏବଂ ଶ୍ରୀ ଧନଞ୍ଜୟ ପାତ୍ର ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଖାଡିବିଲ, କ୍ରିଷନା ନଗର, ବଡପହି, ଏନଏମ ପଡିଆ ଆଦିର ପରିବେଶ ବିକାଶ କମିଟି (ଇଡିସି)ର ସଭ୍ୟସଭ୍ୟାଙ୍କ ସମେତ ସ୍ଥାନୀୟ ଜନ ପ୍ରତିନିଧି, ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ଏହି ସଭାରେ ଯୋଗଦେଇଥିଲେ।

ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସୁବର୍ଣ୍ଣରେଖା ହେନ୍ତାଳ ବଣ ଅଞ୍ଚଳର ସୁରକ୍ଷା ନେଇ ବିଭିନ୍ନ ସ୍ଲୋଗାନ ସହ ଏକ ସାଇକଲ ଶୋଭାଯାତ୍ରା ୧୦ଟି ଗ୍ରାମ ପରିକ୍ରମା କରିଥିଲା।

**ଗୋପାଳ ଚନ୍ଦ୍ର ମହାପାତ୍ର,** ଏଫଏଲଇ, ବାଲେଶ୍ୱର

# ଶରଧାପୁରରେ ୧୨୦ ହେକ୍ଟର ଜମିକୁ ଜଳସେଚନ ସୁବିଧା



ଅନଗୁଳ ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ପୁରୁଣାଗଡ କ୍ଷେତ୍ର ପରିଚାଳନା କେନ୍ଦ୍ରର ଶରଧାପୁର ଗ୍ରାମକୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ପ୍ରଥମ ଦଫାରେ ସାମିଲ କରାଯାଇଥିଲା। ପ୍ରକଳ୍ପର କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ବନ ସଂରକ୍ଷଣ ସମିତି ଗଠନ କରାଗଲା ଓ କଳାପାଟ ସଂରକ୍ଷିତ ଜଙ୍ଗଲ କମ୍ପାର୍ଟମେଣ୍ଟ-୧ରୁ ୨୦୦ ହେକ୍ଟର ଜଙ୍ଗଲ ଜଗିବାକୁ ଦିଆଗଲା।

ଗ୍ରାମର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକେ ଜୀବିକା ପାଇଁ ଜଙ୍ଗଲ ଉପରେ ନିର୍ଭର କରୁଥିବାବେଳେ ଅନ୍ୟମାନେ ଚାଷବାଷ ଓ ପରିବା ଚାଷ ଉପରେ ନିର୍ଭର କରନ୍ତି। ଜଣେ ସଭ୍ୟ ବନ ସଂରକ୍ଷଣ ସମିତି ସଭାଗୃହ ନିର୍ମାଣ ପାଇଁ ଜମି ଦାନ କରିଥିଲେ। ଜଙ୍ଗଲର ପୁନରୁଦ୍ଧାର ପାଇଁ ବନ ସଂରକ୍ଷଣ ସମିତି ବାଉଁଶ, ଶାଗୁଆନ ଓ ଅନ୍ୟ ଚାରା ଲଗାଇଛନ୍ତି। ଅଣୁଯୋଜନା ପ୍ରସ୍ତୁତିବେଳେ ଗ୍ରାମବାସୀମାନେ ଜଳସେଚନ ବ୍ୟବସ୍ଥା ପାଇଁ ଦାବି କରିଥିଲେ। ବ୍ୟାପକ ତର୍ଜମା ପରେ ନିକଟସ୍ଥ ପାହାଡରୁ ଆସିଥିବା ଝରଣାରେ ବନ୍ଧ ବନ୍ଧାଯିବ ଓ ସେଥିରେ ଏକ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ସ୍ଥିର ହେଲା। ମଣ୍ଟୁ ନାମକ ଝରଣାରେ ବନ୍ଧ ବନ୍ଧାଯାଇ ଜଳସେଚନ ପାଇଁ ଚାନେଲ (ନଳା) ତିଆରି କରାଗଲା। ଏହି ବନ୍ଧ ଯୋଗୁଁ ୨୦ ହେକ୍ଟର ଜମି ଜଳସେଚିତ ହେଲା। ଏହି ସଫଳତା ପରେ ଅନ୍ୟ ଦୁଇ ଝରଣା ପାଣିସୁରା ଓ ପିତାବଳିରେ ମଧ୍ୟ ବନ୍ଧ ବନ୍ଧାଗଲା। ୨୦୦୯ ମସିହାରେ ୫୦ ହେକ୍ଟର ଜମି ଜଳସେଚିତ ହୋଇଥିବାବେଳେ ୨୦୧୦ରେ ୧୨୦ ହେକ୍ଟର ଜମି ଜଳସେଚିତ ହେଲା। ଏହାକୁ ନେଇ ଗ୍ରାମବାସୀ ଅତ୍ୟନ୍ତ ଖୁସି ଜାହିର କରିଛନ୍ତି। ସେମାନେ ନିଜ ଜମିରେ ପରିବା ଚାଷ କରୁଛନ୍ତି। ଉପଯୁକ୍ତ ସହାୟତା ପ୍ରଦାନ କରି ଓଏଫଏସଡିପି ସେମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରିଛି। ନିର୍ମାଣ ହୋଇଥିବା ନଳାର ରକ୍ଷଣାବେକ୍ଷଣ ପାଇଁ ସେମାନେ ବ୍ୟବହାରକାରୀଙ୍କ ଠାରୁ ପାଉଣା ଆଦାୟ କରିବାକୁ ଯୋଜନା କରିଛନ୍ତି।

**ସନ୍ତୋଷ କୁମାର ଧର,** ବରିଷ୍ଠ ବନ ସମ୍ପ୍ରସାରଣ ଅଧିକାରୀ, ଅନଗୁଳ ଖଣ୍ଡୀୟ ପରିଚାଳନା କେନ୍ଦ୍ର

# ଝିଙ୍କିନାଳି ଭିଏସଏସ
## ସଫଳ ଜଙ୍ଗଲ ସୁରକ୍ଷା ଆଡକୁ ଅଗ୍ରସର

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଅଧୀନରେ ୨୦୦୮-୦୯ ବର୍ଷରେ ଝିଙ୍କିନାଳି ବନ ସଂରକ୍ଷଣ ସମିତି ଗଠନ କରାଯାଇଥିଲା। ଲୁଙ୍ଗା ସଂରକ୍ଷିତ ଜଙ୍ଗଲ ପାଖରେ ତିନୋଟି ପଡା ଗ୍ରାମକୁ ନେଇ ଗଠିତ ଏହି ଗ୍ରାମରେ ୭୨ଟି ପରିବାର ରହନ୍ତି। ଭିଏସଏସକୁ ୧୧୪ ହେକ୍ଟର ଜଙ୍ଗଲ ଅଞ୍ଚଳ ଜଗାରଖା କରିବାକୁ ଦିଆଯାଇଥିବାବେଳେ ସେଥିମଧ୍ୟରୁ ୯୧ ହେକ୍ଟର ଉପଚାର ଅଞ୍ଚଳ। ଗ୍ରାମବାସୀ ମୁଖ୍ୟତଃ କୃଷି ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରନ୍ତି। ଅଳ୍ପ ବର୍ଷା ହେଉଥିବା ବର୍ଷରେ ଲୋକେ ବହୁ ପରିମାଣରେ ଜଙ୍ଗଲ ଉପରେ ନିର୍ଭର କରନ୍ତି। ଏହି କାରଣରୁ ଯଥା ବେଆଇନ ଗଛକଟା ଓ ଜଙ୍ଗଲ ନିଆଁ ଯୋଗୁଁ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। ବହୁ ପ୍ରୋତ୍ସାହନ ପରେ ବନ ସଂରକ୍ଷଣ ସମିତି ଗଠନ ହେଲା ଓ ଲୋକେ ଜଙ୍ଗଲର ମହତ୍ତ୍ୱ ବୁଝିଲେ ଏବଂ ଜଙ୍ଗଲ ଜଗିବାକୁ ରାଜି ହେଲେ। ଏହିପରିଭାବେ ଜଙ୍ଗଲ ଜଗିବାକୁ 'ଠେଙ୍ଗାପାଳି' ଆରମ୍ଭ ହେଲା। ବର୍ଷକ ପରେ ସେମାନେ ପଡୋଶୀ ଗ୍ରାମ ମହୁଲଡିହ ଓ କିଛି ଭିଏସଏସ ସଭ୍ୟଙ୍କଠାରୁ (ଯେଉଁମାନେ ଭିଏସଏସ ଗଠନ ପୂର୍ବରୁ ବେଆଇନଭାବେ ଗଛ କାଟୁଥିଲେ) ଦୃଢ଼ ପ୍ରତିରୋଧର ସମ୍ମୁଖୀନ ହେଲେ। ଏହା ପରେ ବହୁବାର ବୈଠକ କରାଗଲା ଓ ଯାହାଫଳରେ ଝିଙ୍କିନାଳି ଭିଏସଏସର ସଭ୍ୟମାନେ ଏକତ୍ର ହେଲେ ଏବଂ ପଡୋଶୀ ମହୁଲଡିହ ଗ୍ରାମବାସୀଙ୍କ ପ୍ରତିରୋଧ ମଧ୍ୟ କମ୍ ହେଲା। ଅକ୍ଟୋବର ୨୦୧୦ରେ ଝିଙ୍କିନାଳି ଭିଏସଏସ ଓ ମହୁଲଡିହ ଗ୍ରାମବାସୀଙ୍କ ମଧ୍ୟରେ ଏକ ମିଳିତ ବୈଠକ ଆୟୋଜନ କରାଗଲା ଓ ଉଭୟ ଗ୍ରାମରୁ ୬.୫ ଅନୁପାତରେ ୧୧ଜଣ ସଭ୍ୟଙ୍କୁ ନେଇ ଏକ ମିଳିତ ଜଙ୍ଗଲ ସୁରକ୍ଷା କମିଟି ଗଠନ କରାଗଲା। ୧୧ଜଣ ସଭ୍ୟଙ୍କୁ ନେଇ ଦୈନିକ ଠେଙ୍ଗାପାଳି ଜାରି ରଖାଯିବ ବୋଲି କମିଟି ନିଷ୍ପତ୍ତି ଗ୍ରହଣ କଲା। ଏହା ପରେ ସେଠାରେ ଜଙ୍ଗଲ ଜଗିବାରେ ବ୍ୟାପକ ସଫଳତା ଦେଖାଦେଇଛି। ଗତବର୍ଷ ଜଙ୍ଗଲର କୌଣସି ଜାଗାରେ ନିଆଁ ଲାଗି ନ ଥିବାବେଳେ ବେଆଇନ ଗଛକଟା ବନ୍ଦ ହୋଇପାରିଛି ଓ ଜାଳକାଠ ସଂଗ୍ରହକୁ ମଧ୍ୟ ନିୟନ୍ତ୍ରିତ କରାଯାଇପାରିଛି। ଭିଏସଏସ ସଭ୍ୟମାନଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ ସେମାନଙ୍କୁ ଏକ ସାଇକଲ ପଙ୍କଚର ମାରିବା ସେଟ୍ ପାଇଁ ସହାୟତା ପ୍ରଦାନ କଲେ। ଯାହାଦ୍ୱାରା ସେହି ଗାଁ ରାସ୍ତା ଦେଇ ଯାଉଥିବା ଲୋକଙ୍କ ସାଇକଲ ସଜଡା ଯାଇପାରିବ। ଏହି ସହାୟତା ଦ୍ୱାରା ଜଙ୍ଗଲ ସୁରକ୍ଷା ପାଇଁ ବିଭାଗୀୟ ଉଦ୍ୟମର ଭଲ ପ୍ରଚାର ମଧ୍ୟ ହୋଇପାରିବ।





ବେଆଇନ ଜଙ୍ଗଲକଟା ଓ ଜଙ୍ଗଲ ନିଆଁକୁ ଆଡେଇ ଜଙ୍ଗଲ ସୁରକ୍ଷା ଆଡକୁ ଉଦ୍ୟମର ଏହା ଅୟମାରମ୍ଭ ମାତ୍ର। ଏବେ ପାଖ ଗାଁ ତଥା ଓଏଫଏସଡିପିର ଅନ୍ୟତମ ଭିଏସଏସ ସୁଲବଡିହି ବନ ସଂରକ୍ଷଣ ସମିତିକୁ ସାଙ୍ଗରେ ମିଶାଇ ଲୁଙ୍ଗା ସଂରକ୍ଷିତ ଜଙ୍ଗଲର ଯୁଗ୍ମ ବନ ପରିଚାଳନା ଅଞ୍ଚଳରେ ଅଧିକ ଜଙ୍ଗଲ ସୁରକ୍ଷା କରିବାକୁ ଭିଏସଏସ ସଭ୍ୟମାନେ ଚିନ୍ତା କରୁଛନ୍ତି।

**ଅରୁଣ କୁମାର ମିଶ୍ର**
ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ





# ଗଣିଘୋଷର ମା କାଳିଜାଇ ଏସଏଚଜି
## ସଫଳ ଶିଳ୍ପୋଦ୍ୟୋଗ ଆଡକୁ ଅଗ୍ରସର

ବଣାଁଇ ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ କୁଳିପୋଷ କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନରେ ରହିଛି ଛୋଟ ଗାଁ ଗଣିଘଷା। ଜୀବିକା ନିର୍ବାହ ପାଇଁ ଲୋକେ ଚାଷ କାର୍ଯ୍ୟ, ଦିନ ମଜୁରି ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରନ୍ତି। ୨୦୦୯-୧୦ରେ ଏହି ଗାଁରେ ବନ ସଂରକ୍ଷଣ ସମିତି ଗଠନ ପୂର୍ବରୁ ଏଠାରେ ମା କାଳିଜାଇ ସ୍ୱୟଂ ସହାୟକ ଗୋଷ୍ଠୀ ଗଠିତ ହୋଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀରେ ଥିବା ସମସ୍ତ ୧୨ଜଣ ଯାକ ସଭ୍ୟା ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ। ପ୍ରକଳ୍ପର କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ବର୍ଷରେ ପ୍ରାୟ ଛଅ ମାସ ଧାନ ଓ ମହୁଲ ଫୁଲ ବ୍ୟବସାୟ କରୁଥିଲେ। ବହୁବାର ସେମାନଙ୍କ ସହ ଆଲୋଚନା କରାଯିବା ପରେ ବଳକା ଛଅ ମାସ ସେମାନେ ପରିବା ବ୍ୟବସାୟ କରିବାକୁ ରାଜି ହେଲେ।

ଏକ ବ୍ୟବସାୟ ଯୋଜନା ପ୍ରସ୍ତୁତ କରାଗଲା ଓ ବନ ସଂରକ୍ଷଣ ସମିତି ୩୦,୦୦୦ ଟଙ୍କା ଋଣ ମଞ୍ଜୁର କଲା। ଏସଏଚଜି ସଭ୍ୟାମାନେ ବନ୍ଧାକୋବି, ଫୁଲକୋବି, ଲଙ୍କା ଓ ଟମାଟୋ ଚାଷ କରିବା ଆରମ୍ଭ କଲେ। ସେହି ଗାଁକୁ ଭଲ ରାସ୍ତା ନ ଥିଲେ ମଧ୍ୟ ସଭ୍ୟାମାନଙ୍କ ଦୃଢ ଇଚ୍ଛା ଶକ୍ତି ଯୋଗୁଁ ସେମାନେ ନିଜ ଉତ୍ପାଦକୁ ବରସୁଆଁ, ଲହୁଣିପଡା, ଖୁଟଗାଁ ଓ ଘାଟିତଳ ସାପ୍ତାହିକ ହାଟ ଓ ସ୍ଥାନୀୟ ବଜାରଗୁଡିକରେ ବିକ୍ରି କରିବାରେ ସକ୍ଷମ ହେଲେ। ତିନି ମାସ ମଧ୍ୟରେ ଏସଏଚଜି ସଭ୍ୟାମାନେ ୬୩,୫୦୦ ଟଙ୍କାର ପରିବା ବିକ୍ରି କରିପାରିଲେ। ବିହନ, ଶ୍ରମ, ପରିବହନ, ଓ ଋଣର ସୁଧ ଆଦି ସମସ୍ତ ଖର୍ଚ୍ଚ ମିଶାଇ ମୋଟ ୧୧,୨୬୫ ଟଙ୍କା ଖର୍ଚ୍ଚ ହୋଇଥିଲା। ଏବେ ଶେଷ ପର୍ଯ୍ୟାୟ ପରିବା ତୋଳା ଶେଷ ହୋଇଛି। ତିନି ମାସ ମଧ୍ୟରେ ମା' କାଳିଜାଇ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ୨୨,୨୩୫ ଟଙ୍କା ଲାଭ କରିପାରିଛନ୍ତି। ଏହି ଲାଭ ଦ୍ୱାରା ପ୍ରୋତ୍ସାହିତ ହୋଇ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବନ ସଂରକ୍ଷଣ ସମିତି ସଭ୍ୟମାନେ ଆଗାମୀ ଋତୁରେ ଅଧିକ ଆୟକାରୀ କାର୍ଯ୍ୟକଳାପ ଆରମ୍ଭ କରିବାକୁ ମନସ୍ଥ କରିଛନ୍ତି।

**ଅରୁଣ କୁମାର ମିଶ୍ର,** ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ, ବଣାଁଇ



# ଆଦିବାସୀ ମେଳା



ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଚଳିତ ବର୍ଷ ଅନଗୁଳ, ବାଲିଗୁଡା, ବଣାଇ, ଜୟପୁର, କେନ୍ଦୁଝର, କୋରାପୁଟ, ପାରାଳାଖେମୁଣ୍ଡି, ଫୁଲବାଣୀ, ରାୟଗଡା ଏବଂ ରାଉରକେଲା ଖଣ୍ଡୀୟ ପରିଚାଳନା କେନ୍ଦ୍ରର ବିଭିନ୍ନ ବନ ସଂରକ୍ଷଣ ସମିତି ଅଧୀନରେ ଥିବା ୫୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ୧୦୮ ଜଣ ସଭ୍ୟଙ୍କୁ ରାଜ୍ୟସ୍ତରୀୟ ବାର୍ଷିକ ଆଦିବାସୀ ମେଳାରେ ଭାଗ ନେବାକୁ ପ୍ରୋତ୍ସାହିତ କରିଥିଲା। ୧୫ ଦିନ ମଧ୍ୟରେ ସେମାନେ ୫୫ ପ୍ରକାର ଅଣକାଷ୍ଠ ବନଜାତ ଦ୍ରବ୍ୟ, କୃଷି ଓ ଅଣକୃଷି ସାମଗ୍ରୀ ବିକ୍ରି କରି ୫.୪୫ ଲକ୍ଷ ଟଙ୍କାର ବ୍ୟବସାୟ କରିଥିଲେ। ଭିନ୍ନ ଭିନ୍ନ ସାମଗ୍ରୀକୁ ନେଇ ଲାଭ ୨୦%ରୁ ୪୦ % ହୋଇଥିଲା। ଝାଡୁ, ମହୁ, ହରିଡା, ବାହାଡା, ଅଁଳା, ହଳଦୀଗୁଣ୍ଡ, ରାଗି ପାଉଡର ଓ ଝୁଣା ଆଦି ସାମଗ୍ରୀର ବହୁ ଚାହିଦା ଥିବା ଲକ୍ଷ୍ୟ କରାଯାଇଥିଲା।

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ(ଓଏଫଏସଡିପି), ପୂର୍ବ ବର୍ଷ ପରି ରାଜ୍ୟସ୍ତରୀୟ ଆଦିବାସୀ ମେଳା-୨୦୧୧ରେ ଅଂଶଗ୍ରହଣ କରିଥିଲା। ଆଦିବାସୀଙ୍କ ବିକାଶ ସହ ଜଡିତ ବହୁ ସରକାରୀ, ବେସରକାରୀ, ଉଦ୍ୟୋଗ ତଥା ଘରୋଇ ସଂସ୍ଥା ଏଥିରେ ଭାଗ ନେଇଥିଲେ। ବିଭିନ୍ନ ପ୍ରକାର ଆଦିବାସୀ ସମ୍ପ୍ରଦାୟ (ଉଭୟ ଆଦିମ ଓ ଅଣଆଦିମ ଗୋଷ୍ଠୀ) ମେଳାରେ ଭାଗ ନେଇ ନାଚ ଗୀତ, ଆଦିବାସୀ ଲୋକଗୀତ, ଜୀବିକାନିର୍ବାହ ପ୍ରଣାଳୀ, ହସ୍ତଶିଳ୍ପ, କଳା ଓ ସଂସ୍କୃତି ମାଧ୍ୟମରେ ସେମାନଙ୍କର ସମୃଦ୍ଧ ପରମ୍ପରାର ପ୍ରଦର୍ଶନ କରିଥିଲେ।

ସହରୀ ଲୋକଙ୍କୁ ଆଦିବାସୀଙ୍କ ଜୀବନଶୈଳୀ, କଳା ଓ ସଂସ୍କୃତି ଉପରେ ପରିଚିତ କରାଇବା ସହ ଆଦିବାସୀମାନଙ୍କୁ ସେମାନଙ୍କ ସାମଗ୍ରୀ ବିକ୍ରି କରିବାକୁ ସହରରେ ଏକ ବଜାର ଯୋଗାଇବା ତଥା ସହରୀ ଚାହିଦା ସହ ଖାପଖୁଆଇବା ଏହି ମେଳାର ମୁଖ୍ୟ ଲକ୍ଷ୍ୟ।

ଆଦିବାସୀ ମେଳା ଦୀର୍ଘ ବର୍ଷରୁ ଚାଲି ଆସୁଛି। ପ୍ରଥମେ ପ୍ରଥମେ ଏହା ଜିଲ୍ଲା ବିକାଶ ଅଧିକାରୀ ତଥା ଆଶ୍ରମ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ହେଉଥିଲା। ତା ପରେ ସରକାରୀ ବିଭାଗ ଯଥା କୃଷି, ଜଙ୍ଗଲ, ପଶୁପାଳନ, ଖଦୀ ଓ ଗ୍ରାମୋଦ୍ୟୋଗ ବିଭାଗ ଏଥିରେ ଭାଗ ନେଲେ। ବିଭିନ୍ନ ଜିଲ୍ଲାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ଏହି ମେଳା ଆୟୋଜନରେ ପ୍ରମୁଖ ଭୂମିକା ତୁଲାଉଛନ୍ତି। ବିଭିନ୍ନ ଆଦିବାସୀବହୁଳ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ଏଥିରେ ଭାଗ ନେଉଛନ୍ତି।







ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଷ୍ଟଲ ପ୍ରବେଶ ପଟରେ ଭିଏସଏସ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଦର୍ଶାଇ ଏକ ଗ୍ରାମର ମଡେଲ ପ୍ରଦର୍ଶିତ ହୋଇଥିଲା। ପରିଦର୍ଶକମାନେ ଏହି ମଡେଲକୁ ଆଗ୍ରହର ସହ ଦେଖୁଥିଲେ। ପରିଦର୍ଶକମାନଙ୍କୁ ଜଙ୍ଗଲ ପାଖ ଗ୍ରାମଗୁଡିକରେ ଓଏଫଏସଡିପିର ବିକାଶମୂଳକ କାର୍ଯ୍ୟକଳାପ ଉପରେ ବୁଝାଇଦେବାକୁ ବରିଷ୍ଠ ବନ ସମ୍ପ୍ରସାରଣ ଅଧିକାରୀମାନେ ପାଳି କରି ସେଠାରେ ରହୁଥିଲେ। ପ୍ରକଳ୍ପ କାର୍ଯ୍ୟକଳାପ ଉପରେ ପ୍ରସ୍ତୁତ ହୋଇଥିବା ଡକ୍ୟୁମେଣ୍ଟାରୀ ଫିଲ୍ମ ମଧ୍ୟ କ୍ରମାଗତଭାବେ ପରିବେଷିତ ହେଉଥିଲା। ଏହି ବ୍ୟବସ୍ଥାକୁ ପରିଦର୍ଶକମାନେ ଉଚ୍ଚ ପ୍ରଶଂସା କରିଥିଲେ।

ଅତି ଦୁର୍ଗମ ଅଞ୍ଚଳରୁ ଆସିଥିବା ଏସଏଚଜି / ଭିଏସଏସ ସଭ୍ୟମାନେ ରାଜଧାନୀ ସହର ବୁଲିବା, ସେମାନଙ୍କ ସାମଗ୍ରୀ ବିକ୍ରି କରିବା ପାଇଁ ଏପରି ଏକ ସ୍ଥାନ ପାଇବା ଓ ଅନ୍ୟ ଏସଏଚଜି ସଭ୍ୟଙ୍କ ସହ ମିଶିବାର ସୁଯୋଗ ନେଇ ଭଲ ଅନୁଭୂତି ହାସଲ କରିଥିଲେ। ସେମାନେ ଅତ୍ୟନ୍ତ ଖୁସି ହେବା ସହ ପ୍ରକଳ୍ପ ଏପରି ଏକ ସୁଯୋଗ ପ୍ରଦାନ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଦୁର୍ଗମ ଅଞ୍ଚଳରୁ ଆସିଥିବା ଏସଏଚଜି ସଭ୍ୟମାନଙ୍କୁ ସହରୀ ଲୋକଙ୍କ ସହ ମିଶିବା ଓ ସେମାନଙ୍କ ସହ ଆଲୋଚନା ପ୍ରତ୍ୟାଲୋଚନା କରିବା ପାଇଁ ମେଳା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲା।

**ଅମୀୟ ରଞ୍ଜନ ପରିଡା,** ଡିପିଡି (ଏଲଏଲଆଇ)



# ସମୀକ୍ଷା-୨୦୧୦

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ତୃତୀୟ ରାଜ୍ୟସ୍ତରୀୟ ବାର୍ଷିକ ସମୀକ୍ଷା ବୈଠକ ସମୀକ୍ଷା-୨୦୧୦ ଜାନୁୟାରୀ ୨୮ ଓ ୨୯ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ପରିଚାଳନା କେନ୍ଦ୍ର, ଖଣ୍ଡୀୟ ପରିଚାଳନା କେନ୍ଦ୍ର, କ୍ଷେତ୍ର ପରିଚାଳନା କେନ୍ଦ୍ର କର୍ମଚାରୀ ଓ ବନ ସଂରକ୍ଷଣ ସମିତିର ବଛା ବଛା ପ୍ରତିନିଧିଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ଓ ମତ ବିନିମୟ ତଥା ସଫଳ କାର୍ଯ୍ୟକ୍ରମର ରୂପାୟନ, କୌଶଳଗତ, ସାମାଜିକ ତଥା ପରିଚାଳନାଗତ ସମସ୍ୟାର ଚିହ୍ନଟ ଏବଂ ତାର ପ୍ରତିକାର ବ୍ୟବସ୍ଥା ଜଣାଇବା ସହ ପ୍ରକଳ୍ପର ଉପଯୁକ୍ତ ରୂପାୟନ ପାଇଁ ଏକ ଉପଯୁକ୍ତ ମଞ୍ଚ ଯୋଗାଇଦେବା ହେଉଛି ବାର୍ଷିକ ସମୀକ୍ଷା ବୈଠକର ଲକ୍ଷ୍ୟ। ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମଧ୍ୟ ଏଥିରେ ସମୀକ୍ଷା କରାଯାଇଥିଲା।

ସମୀକ୍ଷା-୨୦୧୦ର ପ୍ରଥମ ଦିନରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ପ୍ରତି ଖଣ୍ଡୀୟ ପରିଚାଳନା କେନ୍ଦ୍ରରୁ ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ, କ୍ଷେତ୍ରସ୍ତରର ବିଶେଷଜ୍ଞ(ଏଫଏଲଇ), ଜଣେ ବରିଷ୍ଠ ବନ ସମ୍ପ୍ରସାରଣ ଅଧିକାରୀ, ଦୁଇଜଣ ବନାଞ୍ଚଳ ଅଧିକାରୀ ତଥା କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟ, ଦୁଇଜଣ ଭିଏସଏସ ସଭ୍ୟ ସଚିବ, ଦୁଇଜଣ ଭିଏସଏସ ସଭାପତି, ଦୁଇଜଣ ଗ୍ରାମ୍ୟ ବନ ସହାୟକଙ୍କ ସମେତ ପ୍ରକଳ୍ପ ପରିଚାଳନା କେନ୍ଦ୍ରର ସମସ୍ତ ଅଧିକାରୀ, ସାଧାରଣ ପରାମର୍ଶଦାତାଙ୍କର ସମସ୍ତ ବିଶେଷଜ୍ଞ ଯୋଗଦେଇଥିଲେ।

କ୍ଷେତ୍ରରୁ ପ୍ରାୟ ୧୭୦ଜଣ ବ୍ୟକ୍ତି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ସମୀକ୍ଷା-୨୦୧୦ର ପ୍ରଥମ ଦିନ ହୋଟେଲ ଏଚଏଚଆଇ, ଭୁବନେଶ୍ୱରରେ ଆୟୋଜନ କରାଯାଇଥିଲା। ଶ୍ରୀ ବି.କେ ପଟ୍ଟନାୟକ, ଭା.ପ୍ର.ସେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ଅଧ୍ୟକ୍ଷ ଉତ୍ସବରେ ମୁଖ୍ୟଅତିଥି ଥିଲେ। ଶ୍ରୀ ଆର.ଏନ ସେନାପତି, ଭା.ପ୍ର.ସେ କୃଷି ଉତ୍ପାଦନ କମିଶନର ଏବଂ ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ଉପାଧ୍ୟକ୍ଷ, ଡଃ ଅରବିନ୍ଦ ବେହେରା, ଭା.ପ୍ର.ସେ ପ୍ରମୁଖ ଶାସନ ସଚିବ ଜଙ୍ଗଲ ଓ ପରିବେଶ ବିଭାଗ ଓଡ଼ିଶା ସରକାର, ଶ୍ରୀ ଏସ.ସି ମହାନ୍ତି, ଭା.ବ.ସେ, ପିସିସିଏଫ ଓଡ଼ିଶା, ଶ୍ରୀ ପି. ଏନ. ପାଢୀ, ଭା.ବ.ସେ, ପିସିସିଏଫ (ବନ୍ୟପ୍ରାଣୀ) ଓଡ଼ିଶା, ଶ୍ରୀ ବିନୋଦକୁମାର, ଭା.ବ.ସେ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୁଖ ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ 'ଇନ୍‌ଷ୍ଟିଚ୍ୟୁସନାଲ ଷ୍ଟ୍ରେଙ୍ଗଦେନିଂ ଆଣ୍ଡ ପରଫରମାନ୍ସ ଆସେସ୍‌ମେଣ୍ଟ ଅଫ ସେକେଣ୍ଡ ବ୍ୟାଚ ଭିଏସଏସ' ଶୀର୍ଷକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକୌଶଳ ବର୍ଣ୍ଣନ ଅଧିବେଶନରେ ପ୍ରତି ଖଣ୍ଡୀୟ ପରିଚାଳନା କେନ୍ଦ୍ରର ଦୁଇ ଜଣ ପ୍ରତିନିଧି ସେମାନଙ୍କର ଶ୍ରେଷ୍ଠ କାର୍ଯ୍ୟକ୍ରମ / ସଫଳ କାହାଣୀ ବର୍ଣ୍ଣନା କରିଥିଲେ। ଏହି ମତ ବିନିମୟ ଓ ଆଲୋଚନା ପ୍ରତି ପ୍ରକଳ୍ପ ପ୍ରଚାରକ ପାଇଁ ଜ୍ଞାନବର୍ଦ୍ଧକ ଓ ଫଳପ୍ରଦ ହୋଇଥିଲା।

ପ୍ରତି ଖଣ୍ଡୀୟ ପରିଚାଳନା କେନ୍ଦ୍ରର ବନ ସଂରକ୍ଷଣ ସମିତି କାର୍ଯ୍ୟ ମୂଲ୍ୟାୟନରେ ଶ୍ରେଷ୍ଠ ଭିଏସଏସକୁ ୨୦୦୯-୧୦ ବର୍ଷର ପୁରସ୍କାର ଓଡ଼ିଶାର ମୁଖ୍ୟ ଶାସନ ସଚିବ ପ୍ରଦାନ କରିଥିଲେ। ଶ୍ରେଷ୍ଠ ଭିଏସଏସ ତାଲିକା :

| କ୍ରମିକ ସଂଖ୍ୟା | ଖଣ୍ଡୀୟ ପରିଚାଳନା କେନ୍ଦ୍ର | ଶ୍ରେଷ୍ଠ ଭିଏସଏସ:୨୦୦୯-୧୦ | କ୍ଷେତ୍ର ପରିଚାଳନା କେନ୍ଦ୍ର |
|---|---|---|---|
| ୧ | ଅନଗୁଳ | ଗୁରୁଜାଙ୍ଗ | ତାଳଚେର |
| ୨ | ବାଲିଗୁଡା | ଡାଗ୍ରିମାହା | କେ. ନୂଆଗାଁ |
| ୩ | ବଣାଇ | ଦେରୋଳା | କୁଳିପୋଷ |
| ୪ | ଦେବଗଡ | ହଦମୁଣ୍ଡା | ଦେବଗଡ |
| ୫ | ଜୟପୁର | ଲାଖମାଲିଗୁଡା | ବୈପାରିଗୁଡା |
| ୬ | କେନ୍ଦୁଝର | ଖଜୁରୀଜୁଆଣି | ଘଟଗାଁ |
| ୭ | କୋରାପୁଟ | ରୁଆଳିପଦର | ଲକ୍ଷ୍ମୀପୁର |
| ୮ | ପାରଳାଖେମୁଣ୍ଡି | ଲାଲୁସାହି | ଦେବଗିରି |
| ୯ | ଫୁଲବାଣୀ | ପଙ୍ଗାନାଜୁ | ରାଇକିଆ |
| ୧୦ | ରାୟଗଡା | ସଉରାଗୁଡା | ମୁନିଗୁଡା |
| ୧୧ | ରାଉରକେଲା | ଫଗୁଆପଡା | ରାଜଗାଙ୍ଗପୁର |

ସମୀକ୍ଷା-୨୦୧୦ର ଦ୍ୱିତୀୟ ଦିବସରେ ପ୍ରକଳ୍ପର ସାମଗ୍ରିକ ତଥା ଆର୍ଥିକ ଅଗ୍ରଗତି ଉପରେ ପ୍ରକଳ୍ପ ପରିଚାଳନା କେନ୍ଦ୍ରଠାରେ ସମୀକ୍ଷା କରାଯାଇଥିଲା। ଏଥିରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଓ ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟମାନେ ଯୋଗଦେଇଥିଲେ।








## ସାଧାରଣତନ୍ତ୍ର ଦିବସ ପାଳନ



ପ୍ରକଳ୍ପ ପରିଚାଳନା କେନ୍ଦ୍ରର ଅଧିକାରୀ, ବିଭିନ୍ନ ବନଖଣ୍ଡର ସ୍ୱୟଂ ସେବକ ସଂଘ ସଭ୍ୟମାନେ ଓଏଫଏସଡିପି ପ୍ରକଳ୍ପ ପରିଚାଳନା କେନ୍ଦ୍ରଠାରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ପାଳନରେ ଭାଗ ନେଇଥିଲେ । ଏହି ସଭ୍ୟମାନେ ଆଦିବାସୀ ମେଳାରେ ଭାଗ ନେବାକୁ ଆସିଥିଲେ ।



### ଜୟପୁର ଖଣ୍ଡୀୟ ପରିଚାଳନା କେନ୍ଦ୍ରର ସମୀକ୍ଷା- ୨୦୧୦


ଜୟପୁର ଖଣ୍ଡୀୟ ପରିଚାଳନା କେନ୍ଦ୍ର ୧୬ ଫେବୃୟାରୀ ୨୦୧୧ରେ ଏମ.ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଜୟପୁରଠାରେ ସମୀକ୍ଷା ୨୦୧୦ ଆୟୋଜନ କରିଥିଲା । ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ ଶ୍ରୀ ଏଲ.କେ ମିଶ୍ର ଉତ୍ସବକୁ ଉଦ୍‌ଘାଟନ କରିଥିଲେ । କ୍ଷେତ୍ର ପରିଚାଳନା କେନ୍ଦ୍ରରୁ ବଛାବଛା ପ୍ରତିନିଧି ଯଥା ଭିଏସଏସ ସଭାପତି, ଗ୍ରାମ୍ୟ ବନ ସହାୟକ, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ, ସଭ୍ୟ ସଚିବ ପ୍ରମୁଖ ମୋଟ ୪୭ଟି ଭିଏସଏସରୁ ଏଥିରେ ଯୋଗଦେଇଥିଲେ । ୧୨ଟି ଭିଏସଏସ ଏବଂ ୫ଟି ଏସଏଚଜିଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଅନୁସାରେ ଫଟୋ ପ୍ରଦର୍ଶନୀ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

**ରମାକାନ୍ତ ମହାନ୍ତି,** ଏଫଏଲଇ, ଜୟପୁର


## ଓଏଫଏସଡିପି କ୍ୱିଜ୍

ଓଏଫଏସଡିପି କ୍ୱିଜ୍-୩ ଏହି ସଂଖ୍ୟାରେ ବଣ୍ଟନ କରାଯାଇଛି । ବନପାଳ, ବନରକ୍ଷୀ, ସଭ୍ୟ ସଚିବମାନେ ଏହାର ଇଂରାଜୀ କ୍ୱିଜ୍‌ର ଉତ୍ତର ଦେବାକୁ ଅନୁରୋଧ କରାଯାଉଛି । ସେହିପରି ଭିଏସଏସ / ଏସଏଚଜି ସଭ୍ୟମାନେ ଓଡ଼ିଆ କ୍ୱିଜ୍‌ର ଉତ୍ତର ଧାର୍ଯ୍ୟ ସମୟ ମଧ୍ୟରେ ପ୍ରଦାନ କରିବାକୁ ଅନୁରୋଧ କରାଯାଉଛି ।



Institutional Strengthening Performance Assessment of 2nd Batch VSSs



Annual Activity Report 2009-10

OFSDP
ଓଡ଼ିଶା ବନା ଞ୍ଚଳ ଉନ୍ନୟନ ପ୍ରକଳ୍ପ

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ ।

ମନ୍ତବ୍ୟ/ପ୍ରସ୍ତାବଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ :
ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ ଏ)
E-mail : dpd.pa@ofsdp.org

**ପ୍ରକାଶକ**

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ
ଏସଏଫଟିଆରଆଇ ପରିସର ଘାଟିକିଆ, ଭୁବନେଶ୍ୱର – ୭୫୧ ୦୦୩
ଫୋନ : ୦୬୭୪–୨୩୮୪୦୧୬, ଫ୍ୟାକ୍ସ : ୦୬୭୪–୨୩୮୪୦୮୫
E-mail : webmail@ofsdp.org, http:\\www.ofsdp.org

**ସମ୍ପାଦକ ମଣ୍ଡଳୀ**

ମୁଖ୍ୟ ସମ୍ପାଦକ : ପ୍ରକଳ୍ପ ନିର୍ଦ୍ଦେଶକ, ଓଏଫଏସଡିପି
ପରିଚାଳନା ସମ୍ପାଦକ : ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏଚଆରଡି ଏବଂ ଆର)
ସମ୍ପାଦକ : ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ୍ ଏ)
ଉପଦେଷ୍ଟା : ସ୍ଥାନୀୟ ପରିଚାଳକ ସାଧାରଣ ପରାମର୍ଶଦାତା, ଓଏଫଏସଡିପି ଏବଂ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏ ଆଣ୍ଡ୍ ଏଫ୍), ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଆଇଏମଇ)

ମୁଦ୍ରାକାର : ଜ୍ୟୋତିଗ୍ରାଫିକ୍ସ
ଫୋନ : ୦୬୭୪–୨୫୪୪୨୦୯, E-mail : jyotigraphics@gmail.com